# NATIONAL NEWS BULLETIN (ODIA)

## 12 October 2026

### Morning Bulletin : 7.15 A.M.

********************************

## ମୁଖ୍ୟ ସମ୍ବାଦ

- ଭାରତୀୟ ଯୁବବର୍ଗଙ୍କ ପାଖରେ ବିଶ୍ୱରେ ଦେଖାଦେଇଥିବା ଆହ୍ୱାନ ଗୁଡ଼ିକର ସମାଧାନ କରିବାର ପ୍ରତିଭା ରହିଛି-କହିଲେ ପ୍ରଧାନମନ୍ତ୍ରୀ ।
- ସାଉଦୀ ଆରବ ରିୟାଦ୍ ବିମାନ ବନ୍ଦରରେ ହୋଇଥିବା ଆକ୍ରମଣରେ ଜଣେ ଭାରତୀୟ ନାଗରିକ ମୃତ ।

\- ଆକ୍ରମଣକୁ ବିଭିନ୍ନ ଦେଶର ନେତୃବୃନ୍ଦଙ୍କ ନିନ୍ଦା ।

- ଶକ୍ତି ଭିତ୍ତିଭୂମି ଉପରେ ଆକ୍ରମଣ ବନ୍ଦ କରିବାକୁ ରୁଷ୍ ଓ ୟୁକ୍ରେନ ସମ୍ମତି ପ୍ରକାଶ କରିଥିବା ଆମେରିକା ରାଷ୍ଟ୍ରପତିଙ୍କ ସୂଚନା ।
- ପାକିସ୍ତାନର ଖାଇବର ପଖତୁନଖ୍ୱା ପ୍ରଦେଶରେ ଜରୁରୀକାଳୀନ ପରିସ୍ଥିତି ଲାଗୁ ।

ଏବଂ

- ତୃତୀୟ ଟି-୨୦ କ୍ରିକେଟ୍ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜକୁ ୧୪ ରନ୍‌ରେ ପରାସ୍ତ କଲା ଭାରତ ।

# ପିଏମ୍-ୟୁଥ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଚେନ୍ନାଇସ୍ଥିତ ଜୟଗୋପାଳ ଗାରୋଡିଆ ହିନ୍ଦୁ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଅବସରରେ ଭାରତର ଯୁବବର୍ଗଙ୍କ ବିଶ୍ୱସ୍ତରୀୟ କ୍ଷମତା ଉପରେ ଆଲୋକପାତ କରିଥିଲେ। ଶ୍ରୀ ମୋଦୀ କହିଥିଲେ ଯେ ବିଶ୍ୱ ସମ୍ପ୍ରଦାୟ ବର୍ତ୍ତମାନ ଯେଉଁ ଆହ୍ୱାନଗୁଡ଼ିକର ଅଭିନବ ସମାଧାନ ଖୋଜୁଛି ଏବଂ ଭାରତର ଯୁବବର୍ଗଙ୍କ ପାଖରେ ତାହା ପ୍ରଦାନ କରିବାର ପ୍ରତିଭା ଓ କ୍ଷମତା ରହିଛି ବୋଲି ସେ ଦୃଢ଼ ବିଶ୍ୱାସ ବ୍ୟକ୍ତ କରିଥିଲେ। ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ ଯେ ବର୍ତ୍ତମାନର ଯୁଗ ଯୁବପିଢ଼ିଙ୍କର । ଶ୍ରୀ ମୋଦୀ କହିଥିଲେ ଯେ ସେମାନଙ୍କର ନୂତନ ଚିନ୍ତାଧାରା ଏବଂ କଠିନ ପରିଶ୍ରମ ଭାରତ ତଥା ସମଗ୍ର ବିଶ୍ୱର ଭବିଷ୍ୟତ ଗଠନ କରିବ। ବିଶ୍ୱସ୍ତରୀୟ ସମସ୍ୟାର ସମାଧାନ ସହିତ, ପ୍ରଧାନମନ୍ତ୍ରୀ ଜାତୀୟ ଏକତା ଏବଂ ତାମିଲ ସଂସ୍କୃତିର ଚିରନ୍ତନ ଜ୍ଞାନ ଉପରେ ଆଧାରିତ ଏକ ବାର୍ତ୍ତା ମଧ୍ୟ ପ୍ରଦାନ କରିଥିଲେ। ଶ୍ରୀ ମୋଦୀ ଛାତ୍ରଛାତ୍ରୀମାନଙ୍କୁ ବଡ଼ ସ୍ୱପ୍ନ ଦେଖିବାକୁ, ଭିନ୍ନ ଭାବରେ ଚିନ୍ତା କରିବାକୁ ଏବଂ ନିର୍ଭୟରେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ଦେଶରେ ବର୍ତ୍ତମାନ ଉପଲବ୍ଧ 'ଅସୀମ ସୁଯୋଗ' ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ

୨୦୪୭ ସୁଦ୍ଧା 'ବିକଶିତ ଭାରତ'ର ଲକ୍ଷ୍ୟ ହାସଲ କରିବାରେ ଯୁବବର୍ଗ ମୁଖ୍ୟ ଭୂମିକା ଗ୍ରହଣ କରିବେ।

## ସାଉଦୀ ଆରବ-ଜୟଶଙ୍କର

ସାଉଦି ଆରବର ରିୟାଦ ବିମାନବନ୍ଦରରେ ହୋଇଥିବା ଆକ୍ରମଣରେ ଆହତ ଜଣେ ଭାରତୀୟ ନାଗରିକଙ୍କର ମୃତ୍ୟୁ ହୋଇଛି। ରିୟାଦସ୍ଥିତ ଭାରତୀୟ ଦୂତାବାସ ସାମାଜିକ ଗଣମାଧ୍ୟମରେ ଏହି ସୂଚନା ଦେଇଛି। ମୃତକଙ୍କ ପାର୍ଥିବ ଶରୀର ଶୀଘ୍ର ଭାରତକୁ ଫେରାଇ ଆଣିବା ପାଇଁ ଦୂତାବାସ ତାଙ୍କ ପରିବାର ସହ ଯୋଗାଯୋଗରେ ରହିଛି ଏବଂ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେବ ବୋଲି କହିଛି। ଏଥିସହ ଦୂତାବାସ ମୃତକଙ୍କ ପରିବାର ପ୍ରତି ସମବେଦନା ଜଣାଇଛି।

ଅନ୍ୟପକ୍ଷରେ, ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର କହିଛନ୍ତି ଯେ, ରିୟାଦ ବିମାନବନ୍ଦର ଆକ୍ରମଣରେ ଭାରତୀୟ ଦୂତାବାସ ଆବଶ୍ୟକ ସମସ୍ତ ପଦକ୍ଷେପ ଗ୍ରହଣ କରୁଛି । ଆକ୍ରମଣ ଘଟଣାରେ ଦୂତାବାସ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗରେ ରହିବା ସହ ଆହତ ଭାରତୀୟ ନାଗରିକଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ତଥ୍ୟ ସଂଗ୍ରହ କରୁଛି।

# ସାଉଦୀ ଆରବ-ଇଣ୍ଡିଆନ୍ କିଲ୍ଡ

ସାଉଦି ଆରବର ରିୟାଦସ୍ଥିତ କିଙ୍ଗ୍ ଖାଲିଦ୍ ଅନ୍ତର୍ଜାତୀୟ ବିମାନବନ୍ଦର ଉପରେ ହୋଇଥିବା ଆକ୍ରମଣକୁ ବିଶ୍ୱର ବିଭିନ୍ନ ଦେଶର ନେତା ଓ ବରିଷ୍ଠ ଅଧିକାରୀମାନେ ନିନ୍ଦା କରିଛନ୍ତି। ଏହି ଆକ୍ରମଣରେ ଜଣେ ଭାରତୀୟ ନାଗରିକଙ୍କ ସମେତ ଅତି କମ୍‌ରେ ୧୩ ଜଣଙ୍କ ମୃତ୍ୟୁ ହୋଇଛି। ୩୦୦ରୁ ଅଧିକ ଲୋକ ଆହତ ହୋଇଛନ୍ତି।

ଆମେରିକାର ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ସାଉଦି ଆରବ ସହ ମିଶି ୟେମେନର ହୁତି ବିଦ୍ରୋହୀଙ୍କ ବିରୋଧରେ ଆକ୍ରମଣରେ ଆମେରିକା ସାମିଲ ହେବା ନେଇ ବିଚାର କରୁଛି ବୋଲି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି। ରିୟାଦ ବିମାନବନ୍ଦର ଉପରେ ଆକ୍ରମଣରେ ଜଣେ ଆମେରିକୀୟ ନାଗରିକଙ୍କ ମୃତ୍ୟୁ ସମେତ ସାଉଦି ଆରବ ଉପରେ ହୋଇଥିବା ଆକ୍ରମଣକୁ ଆମେରିକା ଦୃଢ଼ ନିନ୍ଦା କରିଛି ବୋଲି ବୈଦେଶିକ ମନ୍ତ୍ରୀ ମାର୍କୋ ରୁବିଓ କହିଛନ୍ତି।

ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ୍, ୟୁରୋପୀୟ କମିସନ ଅଧ୍ୟକ୍ଷ ଉର୍ସୁଲା ଭନ୍ ଡେର୍ ଲେୟେନ୍, ଆମେରିକାର ବୈଦେଶିକ ମନ୍ତ୍ରୀ ମାର୍କୋ ରୁବିଓ ଏବଂ କାନାଡାର ପ୍ରଧାନମନ୍ତ୍ରୀ ମାର୍କ କାର୍ନି ଏହି ଆକ୍ରମଣକୁ ନିନ୍ଦା କରିଛନ୍ତି। ପାକିସ୍ତାନ, କତାର, ପାଲେଷ୍ଟାଇନ, ଜୋର୍ଡାନ ଓ ମାଲେସିଆ ସାଉଦି ଆରବ ପ୍ରତି ସମର୍ଥନ ଜଣାଇଛନ୍ତି।

ସାମାଜିକ ଗଣମାଧ୍ୟମରେ ଏକ ବାର୍ତ୍ତା ଦେଇ ଜାତିସଂଘ ମହାସଚିବ ଶ୍ରୀ ଗୁଟେରସ୍ ଏହି ଆକ୍ରମଣରେ ଗଭୀର ମର୍ମାହତ ବୋଲି କହିବା ସହ ଏହାକୁ ଦୃଢ଼ ନିନ୍ଦା କରିଛନ୍ତି। ସାଧାରଣ ନାଗରିକ ଓ ସେମାନଙ୍କ ବ୍ୟବହାର ପାଇଁ ଉଦ୍ଦିଷ୍ଟ ଭିତ୍ତିଭୂମି ଉପରେ ଆକ୍ରମଣ ଅନ୍ତର୍ଜାତୀୟ ଆଇନର ଉଲ୍ଲଙ୍ଘନ। ଏଭଳି ଆକ୍ରମଣ ତୁରନ୍ତ ବନ୍ଦ ହେବା ଆବଶ୍ୟକ ବୋଲି ସେ କହିଛନ୍ତି।

ଉର୍ସୁଲା ଭନ୍ ଡେର୍ ଲେୟେନ୍ କହିଛନ୍ତି, ଏହି ଆକ୍ରମଣ ସଂପୃକ୍ତ ଅଞ୍ଚଳରେ ଉତ୍ତେଜନା ସୃଷ୍ଟି କରିଛି। ସେ ସାଉଦି ଆରବ ଓ ଏହାର ଜନସାଧାରଣଙ୍କ ପ୍ରତି ସମର୍ଥନ ଜଣାଇବା ସହ ମୃତକଙ୍କ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

କାନାଡାର ପ୍ରଧାନମନ୍ତ୍ରୀ ମାର୍କ କାର୍ନି ହୁତି ବିଦ୍ରୋହୀଙ୍କ ଆକ୍ରମଣକୁ ନିନ୍ଦା କରିଛନ୍ତି । ସାଧାରଣ ଭିତ୍ତିଭୂମି ଉପରେ ଆକ୍ରମଣ କିମ୍ବା ନିରୀହ ଲୋକଙ୍କୁ ଜାଣିଶୁଣି ଟାର୍ଗେଟ୍ କରିବାର କୌଣସି ଯଥାର୍ଥତା ନାହିଁ ବୋଲି ସେ କହିଛନ୍ତି। କାନାଡା ଏଭଳି ଦାୟିତ୍ୱହୀନ ହିଂସାକୁ ଦୃଢ଼ ନିନ୍ଦା କରୁଛି ବୋଲି ସାମାଜିକ ଗଣମାଧ୍ୟମରେ ସେ କହିବା ସହ ମୃତକଙ୍କ ପରିବାରବର୍ଗଙ୍କୁ ସମବେଦନା ଓ ଆହତଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।

ଇଟାଲୀର ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନି ମଧ୍ୟ ରିୟାଦ ବିମାନବନ୍ଦର ଉପରେ ହୁତି ବିଦ୍ରୋହୀଙ୍କ ଆକ୍ରମଣକୁ ଦୃଢ଼ ନିନ୍ଦା କରିବା

ସହ ସାଉଦି ଆରବ ଏବଂ ମୃତକଙ୍କ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି।

ଇସ୍ରାଏଲର ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ମଧ୍ୟ କିଙ୍ଗ୍ ଖାଲିଦ୍ ଅନ୍ତର୍ଜାତୀୟ ବିମାନବନ୍ଦର ଉପରେ ହୋଇଥିବା ଏହି ଭୟାବହ ଆତଙ୍କବାଦୀ ଆକ୍ରମଣକୁ ନିନ୍ଦା କରିଛନ୍ତି।

ଇରାନ ସମର୍ଥିତ ହୁତି ବିଦ୍ରୋହୀମାନେ ଏହି ଆକ୍ରମଣ କରିଥିବା ସାଉଦି ଆରବ ଅଭିଯୋଗ କରିଛି। ୟେମେନରେ ସଂଘର୍ଷ ତୀବ୍ର ହେଉଥିବା ବେଳେ ଏହା ସାଉଦି ଆରବର ଭିତ୍ତିଭୂମି ଉପରେ ହୋଇଥିବା ସଦ୍ୟତମ ଆକ୍ରମଣ।

ଇରାନ ଓ ଏହାର ଆଞ୍ଚଳିକ ପ୍ରତିଦ୍ୱନ୍ଦ୍ୱୀଙ୍କ ମଧ୍ୟରେ ବ୍ୟାପକ ଯୁଦ୍ଧ ପରିପ୍ରେକ୍ଷୀରେ ଏହି ହିଂସା ଘଟିଛି। ଏହା ମଧ୍ୟପ୍ରାଚ୍ୟରେ ଆହୁରି ଅସ୍ଥିରତା ବୃଦ୍ଧି କରିବା ନେଇ ଚିନ୍ତା ସୃଷ୍ଟି କରିଛି।

# ଟ୍ରମ୍ପ ଏନର୍ଜି ସିଜ୍‌ଫାୟାର

ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି, ସାଢ଼େ ଚାରି ବର୍ଷ ଧରି ଚାଲିଥିବା ରୁଷ୍-ୟୁକ୍ରେନ୍ ଯୁଦ୍ଧ ମଧ୍ୟରେ ଉଭୟ ଦେଶ ଶକ୍ତି ଭିତ୍ତିଭୂମି ଉପରେ ଆକ୍ରମଣ ବନ୍ଦ କରିବାକୁ ରାଜି ହୋଇଛନ୍ତି। ତେବେ, ଏହି ଅସ୍ତ୍ରବିରତିର ସର୍ତ୍ତାବଳୀ ସମ୍ପର୍କରେ ସେ କୌଣସି ବିବରଣୀ ଦେଇନାହାନ୍ତି। ସାମାଜିକ ଗଣମାଧ୍ୟମରେ ଏକ ସଂକ୍ଷିପ୍ତ ପୋଷ୍ଟରେ ଶ୍ରୀ ଟ୍ରମ୍ପ କହିଛନ୍ତି, ଏହି ଅସ୍ତ୍ରବିରତି ତୁରନ୍ତ ଲାଗୁ ହୋଇଛି। ଏହାକୁ ଉଲ୍ଲଂଘନ ନ

କରିବା ଲାଗି ସେ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ରୁଷ୍ ପକ୍ଷରୁ ତୁରନ୍ତ କୌଣସି ପ୍ରତିକ୍ରିୟା ମିଳିନାହିଁ। ହ୍ୱାଇଟ୍ ହାଉସ୍ ମଧ୍ୟ ଟ୍ରମ୍ପଙ୍କ ଏହି ପୋଷ୍ଟ୍ ସମ୍ପର୍କରେ ସ୍ପଷ୍ଟୀକରଣ ଦେଇନାହିଁ।

ୟୁକ୍ରେନ୍‌ର ରାଷ୍ଟ୍ରପତି ଭୋଲୋଦିମିର ଜେଲେନସ୍କି ଏକ ଅଭିଭାଷଣରେ ଏହି ଘୋଷଣାକୁ ସ୍ୱାଗତ କରିଛନ୍ତି। ସେ କହିଛନ୍ତି, ଆମେରିକାର ରାଷ୍ଟ୍ରପତି ଶକ୍ତି ଭିତ୍ତିଭୂମି ଉପରେ ଆକ୍ରମଣ ବନ୍ଦ କରିବା ନେଇ ଏକ ବୁଝାମଣା ହୋଇଥିବା କହିଛନ୍ତି। ଏହା ସମସ୍ତଙ୍କ ପାଇଁ ଏକ ଭଲ ଖବର। ତେବେ, ଏହା ବାସ୍ତବରେ କାର୍ଯ୍ୟକାରୀ ହେବା ଅତ୍ୟନ୍ତ ଜରୁରୀ ବୋଲି ସେ କହିଛନ୍ତି । ଏକ ସାକ୍ଷାତକାରରେ ଜେଲେନସ୍କି କହିଛନ୍ତି, ରୁଷ୍ ଯଦି ୟୁକ୍ରେନ୍‌ର ଶକ୍ତି ଭିତ୍ତିଭୂମି ଉପରେ ଆକ୍ରମଣ ବନ୍ଦ କରେ, ତେବେ ୟୁକ୍ରେନ୍ ମଧ୍ୟ ରୁଷ୍‌ର ତୈଳ ବିଶୋଧନାଗାର ଉପରେ ଆକ୍ରମଣ ବନ୍ଦ କରିବାକୁ ପ୍ରସ୍ତୁତ ଅଛି। ଏଥିପାଇଁ ସେ ରୁଷ୍‌କୁ ଏହି ବୁଝାମଣାରେ ରାଜି କରାଇବାକୁ ଶ୍ରୀ ଟ୍ରମ୍ପଙ୍କୁ ଚାପପ୍ରୟୋଗ କରିବାକୁ ଅନୁରୋଧ କରିଛନ୍ତି।

## ପାକ୍-କେପି ଏମର୍ଜେନ୍ସି

ପାକିସ୍ତାନ ରାଷ୍ଟ୍ରପତି ଆସିଫ୍ ଅଲି ଜର୍ଦ୍ଦାରୀ ଖାଇବର ପଖତୁନଖ୍ୱା ପ୍ରଦେଶରେ ଜରୁରୀକାଳୀନ ଶାସନ ଲାଗୁ କରିବା ପରେ ନିର୍ବାଚିତ ପ୍ରାଦେଶିକ ସରକାରକୁ ନିଲମ୍ବିତ କରିଛନ୍ତି। ଜେଲ୍‌ରେ ଥିବା ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ଦଳ ପାକିସ୍ତାନ ତେହରିକ୍-ଏ-

ଇନ୍‌ସାଫ୍ ବା ପିଟିଆଇ ଏହି ସରକାରର ନେତୃତ୍ୱ ନେଉଥିଲା। ପ୍ରଧାନମନ୍ତ୍ରୀ ଶେହବାଜ୍ ଶରିଫ୍‌ଙ୍କ କ୍ୟାବିନେଟ୍‌ର ସୁପାରିସକ୍ରମେ ଏହି ନିଷ୍ପତ୍ତିକୁ ଅନୁମୋଦନ କରାଯାଇଛି।

ପ୍ରଦେଶରେ ସାମ୍ବିଧାନିକ ବ୍ୟବସ୍ଥା ଭୁଶୁଡ଼ି ପଡ଼ିଥିବା ଦର୍ଶାଇ ରାଷ୍ଟ୍ରପତି ଜରୁରୀକାଳୀନ କ୍ଷମତା ପ୍ରୟୋଗ କରିଛନ୍ତି। ଏହି ଆଦେଶ ଅନୁଯାୟୀ, ପ୍ରାଦେଶିକ ପ୍ରଶାସନକୁ ଭାଙ୍ଗି ଦିଆଯାଇଛି ଏବଂ କେନ୍ଦ୍ର ସରକାରଙ୍କ ପ୍ରତିନିଧି ରାଜ୍ୟପାଳ ଏହାର କ୍ଷମତା ଗ୍ରହଣ କରିଛନ୍ତି। ପ୍ରାଦେଶିକ ବିଧାନସଭାର କ୍ଷମତା ମଧ୍ୟ କେନ୍ଦ୍ରୀୟ ସଂସଦ ପ୍ରୟୋଗ କରିବ। ଏହା ସହିତ ମୁଖ୍ୟମନ୍ତ୍ରୀ, ପ୍ରାଦେଶିକ ମନ୍ତ୍ରୀ, ପରାମର୍ଶଦାତା ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ନିଜ ନିଜ ପଦ ହରାଇଛନ୍ତି।

ପ୍ରାଦେଶିକ ସରକାରକୁ ନିଲମ୍ବିତ କରାଯିବା ଫଳରେ ପାକିସ୍ତାନରେ ଚାଲିଥିବା ରାଜନୈତିକ ସଂଘର୍ଷ ଆହୁରି ତୀବ୍ର ହୋଇଛି। ଇମ୍ରାନ୍ ଖାନ୍‌ଙ୍କ ସମର୍ଥକ ଏବଂ ଖାଇବର ପଖତୁନଖ୍ୱାର ମୁଖ୍ୟମନ୍ତ୍ରୀ ସୋହେଲ୍ ଆଫ୍ରିଦିଙ୍କ ନେତୃତ୍ୱରେ ଏକ ପ୍ରତିବାଦ ପଦଯାତ୍ରା ଇସଲାମାବାଦ ଅଭିମୁଖେ ଯାତ୍ରା କରୁଛି । ଇମ୍ରାନ୍ ଖାନ୍‌ଙ୍କ ମୁକ୍ତି ଏବଂ ତାଙ୍କୁ ଚିକିତ୍ସା ସୁବିଧା ଯୋଗାଇଦେବା ଦାବିରେ ଏହି ପଦଯାତ୍ରା କରାଯାଉଛି।

**ସେବା ସଂକଳ୍ପ –** ନିମ୍ କୋଟେଡ୍ ୟୁରିଆ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାର୍ବଜନୀନ ଜୀବନରେ ୨୫ ବର୍ଷ ପୂରଣ କରିଛନ୍ତି। 'ଜନସେବାରୁ ଦେଶସେବା' ମନ୍ତ୍ରକୁ ଆଧାର କରି ତାଙ୍କର ଏହି

ଜୟଯାତ୍ରା ଜାରି ରହିଛି। 'ସେବା ଓ ସୁଶାସନ'ର ଏହି ଦୃଷ୍ଟିକୋଣକୁ ନେଇ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନର ଲକ୍ଷ୍ୟ ହାସଲ ଦିଗରେ ସରକାର ନିରନ୍ତର କାର୍ଯ୍ୟ କରୁଛନ୍ତି। ସମାବେଶୀ ବିକାଶ ଓ ସାମାଜିକ ସଶକ୍ତିକରଣ ମାଧ୍ୟମରେ ଏହି ପ୍ରୟାସ ଜନଜୀବନରେ ପରିବର୍ତ୍ତନ ଆଣିଛି। ଆମର ଏହି ବିଶେଷ ଶୃଙ୍ଖଳାରେ ଆଜି ଆମେ ଆପଣମାନଙ୍କୁ 'ନିମ୍ ଆବରଣଯୁକ୍ତ ୟୁରିୟା ସାର' ସମ୍ପର୍କରେ ସୂଚନା ପ୍ରଦାନ କରୁଛୁ ।

୨୦୧୫ ସେପ୍ଟେମ୍ବରରେ କେନ୍ଦ୍ର ସରକାର ଦେଶରେ ଉତ୍ପାଦିତ ସମସ୍ତ ୟୁରିଆରେ ନିମ୍ବ ଆବରଣ ବାଧ୍ୟତାମୂଳକ କରିଥିଲେ। ଏହି ନିୟମକୁ ଡିସେମ୍ବର ମାସରେ ଆମଦାନୀ ହେଉଥିବା ୟୁରିଆ କ୍ଷେତ୍ରକୁ ମଧ୍ୟ ସମ୍ପ୍ରସାରିତ କରାଯାଇଥିଲା।

ଏହାଦ୍ୱାରା ଦୀର୍ଘ ବର୍ଷ ଧରି ଚାଲିଥିବା ୟୁରିଆର ବେଆଇନ ଚାଲାଣ ଓ ସବ୍‌ସିଡିର ଅପବ୍ୟବହାର ରୋକାଯାଇପାରିଥିଲା। ଚାଷୀଙ୍କୁ କମ୍ ଦରରେ ଯୋଗାଇ ଦିଆଯାଉଥିବା ୟୁରିଆକୁ କିଛି ଶିଳ୍ପ ସଂସ୍ଥାକୁ ବେଆଇନ ଭାବେ ପୂର୍ବରୁ ଯୋଗାଇ ଦିଆଯାଉଥିଲା। ଫଳରେ ସରକାରୀ ସବ୍‌ସିଡିରୁ ଘରୋଇ ସଂସ୍ଥା ଲାଭବାନ ହେଉଥିବା ବେଳେ ଚାଷୀମାନେ ଆବଶ୍ୟକ ପରିମାଣର ୟୁରିଆ ପାଇବାରୁ ବଞ୍ଚିତ ହେଉଥିଲେ।

ୟୁରିଆ ଦାନାରେ ନିମ୍ବ ଆବରଣ ଦେବା ଦ୍ୱାରା ଏହାକୁ ଶିଳ୍ପ କ୍ଷେତ୍ରରେ ବ୍ୟବହାର କରିବା ଅନୁପଯୋଗୀ ହୋଇଥିବା ବେଳେ କୃଷି କ୍ଷେତ୍ରରେ ଏହାର ଉପଯୋଗିତା ବୃଦ୍ଧି ପାଇଥିଲା। ନିମ୍ବ ଆବରଣ ମାଟିରେ

ଯବକ୍ଷାରଜାନ ମୁକ୍ତ ହେବାର ପ୍ରକ୍ରିୟାକୁ ଧୀର କରିବା ସହ ଗଛ ଦ୍ୱାରା ଏହାର ଅଧିକ ଶୋଷଣରେ ସହାୟକ ହୋଇଥାଏ ।

ଏହାଦ୍ୱାରା ୟୁରିଆର ବେଆଇନ ଚାଲାଣ ହ୍ରାସ ପାଇଥିଲା। ଏଥିଯୋଗୁଁ ସରକାରଙ୍କ ରାଜକୋଷର ପ୍ରାୟ ୧୦ ହଜାର କୋଟି ଟଙ୍କା ସଞ୍ଚୟ ହୋଇଥିବା ଆକଳନ କରାଯାଇଛି। ଏଥିସହ ବିଭିନ୍ନ ଫସଲର ଉତ୍ପାଦନ ମଧ୍ୟ ବୃଦ୍ଧି ପାଇଥିଲା। ଧାନ ଉତ୍ପାଦନ ୫ ଦଶମିକ ୭/୯ ପ୍ରତିଶତ, ମକା ୭ ଦଶମିକ ୧/୪ ପ୍ରତିଶତ, ସୋୟାବିନ୍ ? ୭ ଦଶମିକ ୪ ପ୍ରତିଶତ, ହରଡ଼ ୧୬ ଦଶମିକ ୮/୮ ପ୍ରତିଶତ ଏବଂ ଆଖୁ ଉତ୍ପାଦନ ୧୭ ଦଶମିକ ୫ ପ୍ରତିଶତ ବୃଦ୍ଧି ପାଇଥିଲା । ନିମ୍ବ ଆବରଣ ଦ୍ୱାରା ୟୁରିଆର ଅପବ୍ୟବହାର ରୋକାଯିବା ସହ ଚାଷୀଙ୍କୁ ଉପଯୁକ୍ତ ଭାବେ ସାର ଯୋଗାଣ ସୁନିଶ୍ଚିତ କରିବାରେ ସଫଳତା ମିଳିଥିଲା। ଏ ସମ୍ପର୍କରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଥିଲେ...

**V/O**

# କ୍ରିକେଟ୍

ଇନ୍ଦୋରର ହୋଲକର ଷ୍ଟାଡିୟମ୍‌ରେ ଭାରତ ଓ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ଅନୁଷ୍ଠିତ ଟି-ଟ୍ୱେଣ୍ଟି ଅନ୍ତର୍ଜାତୀୟ କ୍ରିକେଟ୍ ସିରିଜ୍‌ର ତୃତୀୟ ମ୍ୟାଚ୍‌ରେ ଭାରତ ୧୪ ରନ୍‌ରେ ବିଜୟୀ ହୋଇଛି । ଭାରତ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ୱିକେଟ୍ ହରାଇ ୨୨୩ ରନ୍

କରିଥିଲା । ଅଭିଷେକ ଶର୍ମା ସର୍ବାଧିକ ୩୦ ବଲ୍‌ରୁ ୬୯ ରନ୍ ସଂଗ୍ରହ କରିଥିଲେ । ଜବାବରେ ୱେଷ୍ଟଇଣ୍ଡିଜ ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ୍ ହରାଇ ୨୦୯ ରନ୍ କରିବାକୁ ସକ୍ଷମ ହୋଇଥିଲା । ଭାରତ ପକ୍ଷରୁ ଅର୍ଶଦୀପ ସିଂହ ୩ଟି ୱିକେଟ୍ ନେଇ ମ୍ୟାନ୍ ଅଫ୍ ଦ ମ୍ୟାଚ୍ ଘୋଷିତ ହୋଇଥିଲେ ।   ଏହି ବିଜୟ ସହିତ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଶୃଙ୍ଖଳାରେ ଭାରତ ୨-୧ରେ ଆଗୁଆ ରହିଛି। ଶୃଙ୍ଖଳାର ଚତୁର୍ଥ ମ୍ୟାଚ୍ ଆସନ୍ତା ୧୪ ତାରିଖରେ ହାଇଦ୍ରାବାଦର ରାଜୀବ ଗାନ୍ଧୀ ଅନ୍ତର୍ଜାତୀୟ ଷ୍ଟାଡିୟମ୍‌ରେ ଖେଳାଯିବ।